# Daily News Updates

## 14th Sept 2025

- PM's Manipur Visit
- SIR- ECI
- Mental health
- Oil Tarif
- Foreigner's Tribunal
- PM visit to Gopalpur
- Hamas free Palestine
- Accident Free Odisha

8260224080

# Modi calls for harmony in ethnic strife-torn Manipur

PM stresses need for dialogue between hill and valley districts during his first visit to the State since ethnic violence erupted in 2023; he inaugurates projects worth ₹7,300 crore in the State

Vijaita Singh
CHURACHANDPUR/IMPHAL

On his first visit to Manipur since ethnic violence erupted over two years ago, Prime Minister Narendra Modi on Saturday called for strengthening dialogue to build a strong bridge of harmony between the State's hill and valley districts.

The ethnic conflict that broke out in May 2023 is between the Meitei people, who dominate the Imphal valley, and the Kuki-Zo people, who dominate the surrounding hills.

After flying into Imphal airport from Aizawl in Mizoram, where he had inaugurated a railway project, Mr. Modi headed by road to the hill district of Churachandpur. Establishing peace is essential for development anywhere, he said, after inaugurating projects worth ₹7,300 crore and meeting internally displaced people.

On his return from the hill district, Mr. Modi addressed a gathering at Kangla Fort in Imphal city, 61 km from Churachandpur. He inaugurated projects worth ₹1,200 crore at Imphal.



**Many worries:** Prime Minister Narendra Modi interacting with the displaced people in Churachandpur on Saturday. ANI/PMO

### Rain hits schedule

Incessant rain forced last-minute changes in the helicopter directly from Aizawl to Churachandpur before flying to Imphal, Mr. Modi was forced to travel by road from the State capital. The planned roadshow in Churachandpur

### We need jobs, people tell PM

CHURACHANDPUR/IMPHAL
People staying in relief camps requested Prime Minister Narendra Modi for help. "I told the Prime Minister that we need jobs. Many people have committed suicide here. We cannot secure the future of our children," said one of the residents displaced by the ethnic clashes. » PAGE 8

OCS CORNER
Where Everyday Is Exam Day

# Have 'exclusive' power to decide how and when to hold SIR, EC tells Supreme Court

**Krishnadas Rajagopal**
NEW DELHI

The Election Commission of India (EC) has, in no uncertain terms, told the Supreme Court to leave alone its "exclusive jurisdiction" to decide when and how to conduct Special Intensive Revision (SIR) of electoral rolls.

> The decision to conduct a summary or an intensive revision of the electoral roll is left to the discretion of the EC. It has complete discretion over the policy of revision, to the exclusion of any other authority
>
> **ELECTION COMMISSION IN SUPREME COURT**

**'Outside judicial ambit'**

The poll body said its power to decide if a revisional exercise would be intensive or summary would "depend on the situation". The EC said the call was entirely its own and outside the judicial ambit.

"The decision to conduct a summary or an intensive revision of the electoral roll is left to the discretion of the ECI. The ECI has complete discretion over the policy of revision to the exclusion of any other authority," it submitted.

Provisions of the Representation of the People Act, 1950 and the Registration of Electoral Rules, 1960 gave the EC "complete discretion on the timing of the revisional exercise".

"The obligation to conduct a revision of the electoral roll is not couched within a timeline," the EC noted.

The poll body said the law allowed it power to hold a special revision of the electoral roll of any constituency or part of it "in such a manner as it may think fit".

The EC was responding to a petition seeking a judicial direction from the top court to the poll body to conduct SIR at "regular intervals" throughout the country to identify and expel foreign infiltrators enrolled as Indian voters.

The petitioner, Ashwini Kumar Upadhyay, said periodic SIR before every general, State and local body elections was necessary to protect the purity of the electoral process. But the poll panel would brook no interference from the courts.

"A direction to conduct SIR at 'regular intervals' throughout the country would encroach the exclusive jurisdiction of the Election Commission," the poll body said.

The exchange has come in the middle of an ongoing dispute over the Bihar SIR exercise, which petitioners, including Opposition political parties, have claimed to be "citizenship screening" in the guise of a revisional exercise of the State's electoral roll.

The poll body assured that it was "fully cognisant of its statutory duty to maintain the purity and integrity of the electoral rolls".

The EC confirmed there would be a nationwide SIR with January 1, 2026 as the qualifying date.

"There is a letter of July 5 to all Chief Electoral Officers (CEOs) of States and UTs to initiate immediate pre-revision activities for the SIR of electoral rolls with reference to January 1, 2026 as the qualifying date on a nationwide basis," the EC informed the court.

www.ocscorner.in 8260224080

# What has WHO highlighted on mental health?

How are countries facing up to the challenge? What are the gaps in current care models? How is India doing?

**Bindu Shajan Perappadan**

**The story so far:**

More than 1 billion people are living with mental health disorders, according to recent data from the World Health Organization (WHO). These conditions include anxiety and depression among others that are taking an immense human and economic toll. The WHO has said that while many countries have bolstered their mental health policies and programmes, greater investment and action are needed globally to scale up services to protect and promote mental well-being.

## Why is mental health important?

Mental health conditions affect people of all ages and income levels. They are the second leading cause of long-term disability, contributing to loss of healthy life. They drive up health-care costs for affected people and families while inflicting substantial economic losses on a global scale. "Transforming mental health services is one of the most pressing public health challenges," said Dr. Tedros Adhanom Ghebreyesus, WHO Director-General.

## What are the key findings?

The new findings published in two reports – *World mental health today* and *Mental Health Atlas 2024* – highlight some areas of progress while exposing significant gaps in addressing mental health conditions worldwide. The report shows that while prevalence of mental health disorders can vary by sex, women are disproportionately impacted. Anxiety and depressive disorders are the most prevalent mental health conditions among both men and women. Suicide remains "a devastating outcome", claiming an estimated 7,27,000 lives in 2021 alone. It is a leading cause of death among young people. Progress made in reducing suicide mortality is too low to meet the United Nations Sustainable Development Goal (SDG) of a one -third reduction in suicide rates by 2030. On the current trajectory, only a 12% reduction will be achieved. Additionally, the economic impact of mental health disorders is staggering. Depression and anxiety alone cost the global economy an estimated $1 trillion each year.

> Stigma, reluctance to seek help, and lack of manpower remain major concerns in India. A Delhi Medical Association member pointed out that India also faces a significant shortfall of mental health professionals

## What are the flaws in mental care system?

While many countries have adopted rights-based approaches, and enhanced preparedness for mental health and psychosocial support, this momentum has not translated into legal reform, states the report. Fewer countries have adopted rights-based mental health legislation, and only 45% of countries evaluated laws in full compliance with international standards.

The report reveals a concerning stagnation in mental health investment. Median government spending remains at just 2% of total health budgets – unchanged since 2017. While high-income countries spend up to $65 per person, low-income countries spend as little as $0.04. The global median number of mental health workers stands at 13 per 100,000 people.

Reform and development of mental health services is progressing slowly. Fewer than 10% of countries have fully transitioned to community-based care models. Inpatient care continues to rely heavily on psychiatric hospitals, with nearly half of admissions occurring involuntarily and over 20% lasting longer than a year. Integration of mental health into primary care is advancing, with 71% of countries meeting at least three of five WHO criteria. However, only 22 countries provided sufficient data to estimate service coverage for psychosis. In low-income countries, fewer than 10% of those affected receive care, compared to over 50% in higher-income nations.

## What is India's status on mental health?

According to a senior Health Ministry official, stigma and reluctance to seek help and lack of manpower remain the major concerns. "There has been major infrastructure development, the national tele-mental health programme has expanded, educational development is happening at a fast pace and focused work is being done to create awareness," he said.

However, Anil Bansal, member, Delhi Medical Association, noted that India's direct mental health budget has remained at roughly ₹1,000 crore for recent fiscal years, with FY 2025-26 allocating ₹1,004 crore.

"Adequate funding for community-based programmes and the effective utilisation of funds is still a concern," he said. He added that India has a significant shortfall of mental health professionals, with roughly 0.7 psychiatrists per 100,000 people, far below the WHO's recommended ratio of 3 per 100,000 people.

*(Those in distress can seek help at Tele-MANAS helpline at 14416 or 18008914416)*

ation CIVIL SERVICE CORNER www.ocscorner.in 8260224080

# U.S. asks G7 to impose tariffs on countries purchasing Russian oil

Only 'unified efforts' that cut off funding to Moscow's war machine can apply sufficient pressure, says U.S.; Trump asks NATO allies to 'completely halt' purchases of Russian oil, and to impose tariffs of 50 to 100% on China as a way to help end the war

**Press Trust of India**
**Agence France-Presse**
NEW YORK/WASHINGTON

The U.S. has asked G7 members to impose tariffs on countries purchasing oil from Russia, asserting that only "unified efforts" that cut off funding to Moscow's war machine at source can apply sufficient pressure to end "the senseless killing".

Treasury Secretary Scott Bessent and the U.S. Trade Representative, Jamieson Greer, were on a call with G7 Finance Ministers on Friday when they reiterated President Donald Trump's call to the bloc's partners about imposing tariffs on countries purchasing oil from Russia.



**Applying pressure:** Donald Trump with Scott Bessent, middle, in the Oval Office of the White House in Washington. AFP

G7 is an intergovernmental bloc of rich, industrialised countries comprising the U.S., Canada, France, Germany, Italy, Japan, and the U.K.

Meanwhile, Mr. Trump said he was ready to sanction Moscow, but on the condition that all NATO allies agree to completely halt purchases of Russian oil and implement their own sanctions.

He also suggested members of the transatlantic alliance consider slapping tariffs of 50% to 100% on China as a way to help end Russia's war in Ukraine. "I am ready to do major Sanctions on Russia when all NATO Nations have agreed, and started, to do the same thing, and when all NATO Nations STOP BUYING OIL FROM RUSSIA," Mr. Trump said in a social media post, which he described as a letter to all NATO nations and the world.

The U.S. has imposed 50% tariffs on Indian goods, including a 25% additional duty for India's purchase of Russian crude oil. Mr. Trump branded NATO nations' purchase of Russian oil "shocking" and said it weakens their bargaining power over Moscow. "Anyway, I am ready to 'go' when you are. Just say when?"

"I believe that (NATO sanctions on Russia), plus NATO, as a group, placing 50% to 100% TARIFFS ON CHINA, to be fully withdrawn after the WAR with Russia and Ukraine is ended, will also be of great help in ENDING this deadly, but RIDICULOUS, WAR," Mr. Trump added.

8260224080

# What are Foreigners Tribunals' new powers?

What do the Rules of the Immigration and Foreigners Act, 2025 specify? How many tribunals are operational in Assam? How have their roles changed? What is the order on Sri Lankan Tamils in India? Which nationalities are eligible for exemptions?

Vijaita Singh

**The story so far:**

The Union Ministry of Home Affairs (MHA) recently notified Rules, Order and Exemption Order, which made the Immigration and Foreigners Act, 2025 operational. Parliament passed the legislation to regulate all matters relating to foreigners and immigration in April. It repealed and replaced several Acts, the Passport (Entry into India) Act, 1920; the Registration of Foreigners Act, 1939; the Foreigners Act, 1946 and the Immigration (Carriers' Liability) Act, 2000.

### What was the rationale?

The Government said a new legislation was required to avoid multiplicity and overlapping of laws on passports or other travel documents in respect of persons entering and exiting from India, and to regulate matters related to foreigners' visa, registration and immigration issues. Though most provisions in the newly notified Rules, Order and Exemption Order were there in past notifications, certain new clauses and conditions have been added, considering the vast changes that have occurred after the original pre-Independence Acts came into existence.

> Foreigners Tribunals, so far unique to Assam, have been given the powers of a first class judicial magistrate

### What does the Immigration and Foreigners Rules say?

For the first time, the Rules legally designate the Bureau of Immigration (BOI) to "examine cases of immigration fraud" and co-ordinate with the States to identify, deport or restrict the movement of foreigners and collate and maintain an immigration database among others. Though the BOI earlier also performed similar functions, its role was regulatory and not mentioned in the law. In another first, the Rules insert legal provision for recording of biometric information of all foreigners, earlier restricted to a few visa categories and enforceable through executive orders of the MHA.

Educational institutes will have to inform the Foreigners Regional Registration Office (FRRO) about all foreign students and even provide semester-wise "academic performance" summary such as attendance details and "general conduct" report. While earlier, the "civil authority" could direct to shut down any premise such as a resort, club or an entertainment place if it was frequented by foreigners who are "undesirable", involved in

converted to tribunals after the Supreme Court scrapped the Illegal Migrants (Determination by Tribunals) Act, 1983 in 2005. A total of 100 FTs is currently operational in Assam. The number of FTs were enhanced after the National Register of Citizens (NRC) was published in 2019 in Assam on the orders of the top court. The NRC, again unique to Assam, excluded 19 lakh out of 3.29 crore applicants and FTs were to give adequate opportunity to those excluded to present their case. The State government has challenged the NRC in its current form and the final register is yet to be printed. Those excluded are yet to be provided with rejection slips.

Earlier, the FTs could have unspecified number of members, now the number of members has been capped at three, and the *ex-parte* orders can be set aside if the appellant files the review within 30 days. FTs are functional only in Assam. In other States, an illegal migrant is produced before a local court.

The order also legally allows border guarding forces or the coast guard to prevent illegal migrants attempting to enter into India by sending them back after capturing their biometric information and available demographic details on the designated portal of the Central Government. The Border Security Force (BSF) and the Assam Rifles (AR) posted along the Bangladesh and Myanmar borders had been practising this through executive orders of the MHA – now, it has been stipulated under law.

ସମ୍ବାଦ

# ୨୭ରେ ଗଞ୍ଜାମ ଆସିବେ ପ୍ରଧାନମନ୍ତ୍ରୀ



ବ୍ରହ୍ମପୁର, ୧୩/୯ (ଇମିସ): ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଞ୍ଜାମ ଗସ୍ତରେ ଆସିବେ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସେବାପକ୍ଷ ପାଳନ ଅବସରରେ ମୋଦୀ ଏଠାକୁ ଆସିବା ନେଇ

## ଗୋପାଳପୁର ଯୁବ ସମାବେଶରେ ଯୋଗଦେବେ

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ତେବେ କେଉଁ ସବୁ କାର୍ଯ୍ୟକ୍ରମରେ ସେ ସାମିଲ ହେବେ ତାହା ଚୂଡ଼ାନ୍ତ ହୋଇନାହିଁ। ଏହି ମର୍ମରେ ଆସନ୍ତା ସୋମବାର ଭର୍ଚୁଆଲ୍ ବୈଠକ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କାର୍ଯ୍ୟକ୍ରମର ଚୂଡ଼ାନ୍ତ ରୂପରେଖ ଜଣାପଡ଼ିବ ବୋଲି ସୂଚନା ମିଳିଛି।

ସେପ୍ଟେମ୍ବର ୧୭ ମୋଦୀଙ୍କ ଜନ୍ମଦିନଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜ୍ୟର କାର୍ଯ୍ୟକ୍ରମରେ ଯୋଗ ଦେବେ। ତେଣୁ ୨୭ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ସେ ଗଞ୍ଜାମ କାର୍ଯ୍ୟକ୍ରମ ସାରି ଫେରି ଯାଇପାରନ୍ତି। ଏଥିଲାଗି ଗୋପାଳପୁରଠାରେ ରାଜ୍ୟସ୍ତରୀୟ ଯୁବ ସମାବେଶ କରିବାକୁ ଧାର୍ଯ୍ୟ ହୋଇଛି। ରବିବାର ରାତି ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ କେଉଁଠି ହେବ ତାହା ସ୍ଥିର କରାଯିବ। ପ୍ରାୟ ୩ଲକ୍ଷ ଲୋକ ଏଥିରେ

➡ ୧୩

BHUBANESWAR Edition
Page No 2 September 14, 2025

IL SERVICE CORNER www.ocscorner.in 8260224080

ସମ୍ବାଦ

# ମଣିପୁରରେ ଲୋକଙ୍କୁ ଭରସା ଦେଲେ ମୋଦୀ



## ସରକାର ଆପଣଙ୍କ ସହ ରହିଛି, ବିକାଶ ପାଇଁ ଶାନ୍ତି ଜରୁରି

## ଆଶା ଓ ବିଶ୍ୱାସର ନୂତନ ସୂର୍ଯ୍ୟ ଉଦୟ ହେଉଛି

ଇମ୍ଫାଲ, ୧୩/୯: ମଣିପୁର ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟବାସୀଙ୍କୁ ଭରସା ଦେଇ କହିଛନ୍ତି, ମୁଁ ଆପଣମାନଙ୍କ ସହ ରହିଛି ଏବଂ ସରକାର ମଧ୍ୟ ଆପଣଙ୍କ ସହ ରହିଛି। ୨୦୨୩ରେ ହିଂସା ହେବାପରଠାରୁ ଆଜି ପ୍ରଧାନମନ୍ତ୍ରୀ ମଣିପୁରକୁ ପ୍ରଥମ ଗସ୍ତ କରିଛନ୍ତି। ହିଂସା ଯୋଗୁ ସର୍ବାଧିକ ପ୍ରଭାବିତ ଜିଲ୍ଲା ଚୁରାଚାନ୍ଦପୁରରେ ଆଜି ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ମଣିପୁରକୁ ଆଶା ଓ ପ୍ରତିଜ୍ଞାର ଏକ ଭୂମି ବୋଲି ମୋଦୀ ବର୍ଣ୍ଣନା କରିଛନ୍ତି। ଦୀର୍ଘଦିନ ଧରି ଆତଙ୍କ ଖେଳାଇଥିବା ହିଂସା କବଳରୁ ଏବେ ମଣିପୁର ଧୀରେଧୀରେ ବାହାରୁଛି। ଏହି ପ୍ରସଙ୍ଗରେ ମୋଦୀ କହିଛନ୍ତି, ମୁଁ କିଛି ସମୟ ପୂର୍ବରୁ ହିଂସା ପୀଡ଼ିତ କିଛି ଲୋକଙ୍କୁ ଶିବିରରେ ଭେଟିଥିଲି ଏବଂ ସେମାନଙ୍କ ସହ କଥା ହେବାପରେ ମୁଁ କହିପାରିବି ଯେ ମଣିପୁରରେ ଆଶା ଓ ବିଶ୍ୱାସର ଏକ ନୂତନ ସୂର୍ଯ୍ୟ ଉଦୟ ହେଉଛି। ମୋଦୀ ସମସ୍ତ ଗୋଷ୍ଠୀଙ୍କୁ ଶାନ୍ତି ରକ୍ଷା ପାଇଁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ମଣିପୁରର ଭୂମି ହେଉଛି ଆଶା ଏବଂ ଆକାଂକ୍ଷାର ଭୂମି। ଦୁର୍ଭାଗ୍ୟବଶତଃ ହିଂସା ଏହି ସୁନ୍ଦର ଅଞ୍ଚଳରେ ଏହାର ଛାଇ ପକାଇଛି।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଯେକୌଣସି ଅଞ୍ଚଳରେ ବିକାଶ ପାଇଁ ଶାନ୍ତି ପ୍ରତିଷ୍ଠା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ ୧୧ ବର୍ଷ ମଧ୍ୟରେ, ଉତ୍ତର-ପୂର୍ବାଞ୍ଚଳରେ ଅନେକ ଦୀର୍ଘକାଳୀନ ବିବାଦ ଓ ଦ୍ୱନ୍ଦ୍ୱର ଅନ୍ତ ଘଟିଛି। ଲୋକମାନେ ଶାନ୍ତିର ପଥ ବାଛିଛନ୍ତି ଏବଂ ବିକାଶକୁ ପ୍ରାଥମିକତା ଦେଇଛନ୍ତି। ବିଭିନ୍ନ ଗୋଷ୍ଠୀ ସହ ଏକ ବୁଝାମଣା ପାଇଁ ସମ୍ପ୍ରତି ଆଲୋଚନା ଆରମ୍ଭ ହୋଇଥିବା ନେଇ ମୋଦୀ ସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ବୈଠକଗୁଡ଼ିକ କେନ୍ଦ୍ରର ପଦକ୍ଷେପର ଏକ ଅଂଶ, ଯାହା ଶାନ୍ତି ଦିଗରେ କାମ କରିବା ପାଇଁ ଆଲୋଚନା, ସମ୍ମାନ ଏବଂ ପାରସ୍ପରିକ ବୁଝାମଣାକୁ ପ୍ରାଥମିକତା ଦେଉଛି। ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ ମୁଁ ସମସ୍ତ ସଂଗଠନକୁ ଶାନ୍ତି ପଥରେ ଆଗକୁ ବଢ଼ିବା, ନିଜ ସ୍ୱପ୍ନ ପୂରଣ କରିବା ଏବଂ ନିଜ ପିଲାମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ନିବେଦନ କରୁଛି। ସେ ମଣିପୁରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସରକାରଙ୍କ ପ୍ରୟାସ ଉପରେ ମଧ୍ୟ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରଭାବିତ ଅଂଚଳରେ ବିକାଶ ପାଇଁ ପ୍ରାୟ ୩୦୦୦ କୋଟିର ଏକ ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରାଯାଇଛି। ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ୫୦୦ କୋଟିର ଏକ ପୃଥକ ବ୍ୟବସ୍ଥା ସହ ମଣିପୁରର ଆଦିବାସୀ ଯୁବକମାନଙ୍କୁ ସହଯୋଗ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

ମଣିପୁର ରାଜଧାନୀ ଇମ୍ଫାଲରେ ଏକ କାର୍ଯ୍ୟକ୍ରମରେ ମୋଦୀ କହିଛନ୍ତି, ଇମ୍ଫାଲ ହେଉଛି ସମ୍ଭାବନାର ସହର। ବିକାଶମୂଳକ ପଦକ୍ଷେପଗୁଡ଼ିକର ତାଲିକା ଦେଇ ପ୍ରଧାନମନ୍ତ୍ରୀ ପୁଖରିରେ ଏକ ନୂତନ ସିଭିଲ ସଚିବାଳୟ, ଆଇଟି ଏସଇଜେଡ୍ କୋଠା ଏବଂ ନୂତନ ପୁଲିସ ମୁଖ୍ୟାଳୟ, ଦିଲ୍ଲୀ ଏବଂ କୋଲକାତାରେ ମଣିପୁର ଭବନ ଆଦି ବିଷୟରେ ସୂଚନା ଦେଇଥିଲେ। ମୋଦୀ କହିଛନ୍ତି, ଆଜି, ମଣିପୁରର ପ୍ରଗତି ପାଇଁ ହଜାର ହଜାର କୋଟି ଟଙ୍କାର ବିକାଶ ପ୍ରକଳ୍ପ ଉଦ୍‌ଘାଟନ ଏବଂ ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଲୋକଙ୍କ ଜୀବନଧାରଣକୁ ଅଧିକ ସହଜ କରିବ, ଭିତ୍ତିଭୂମିକୁ ସୁଦୃଢ଼ କରିବ ଏବଂ ମଣିପୁରର ଯୁବକମାନଙ୍କ ପାଇଁ ନିଯୁକ୍ତିର ନୂତନ ସୁଯୋଗ ସୃଷ୍ଟି କରିବ।

# ହିଂସା ପ୍ରଭାବିତ ବିସ୍ଥାପିତଙ୍କୁ ଭେଟିଲେ



ଇମ୍ଫାଲ, ୧୩/୯ : ମଣିପୁର ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବର୍ଷାକୁ ଖାତିର ନକରି ଇମ୍ଫାଲରୁ ପ୍ରାୟ ୬୫ କିମି ଦୂର କୁକି ବହୁଳ ଚୁରାଚାନ୍ଦପୁରରେ ପହଞ୍ଚିଥିଲେ। ସେଠାରେ ମୋଦୀ ହିଂସା ପ୍ରଭାବିତ ପରିବାର ସଦସ୍ୟ ଯେଉଁମାନେ ନିଜ ଘର ଛାଡ଼ି ଶିବିରରେ ରହୁଛନ୍ତି ସେମାନଙ୍କୁ ଭେଟିଥିଲେ। ପୀଡ଼ିତଙ୍କୁ ଭେଟି ମୋଦୀ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଏବଂ ରିଲିଫ୍ ଶିବିରରେ ବୟସ୍କ ଓ ପିଲାମାନଙ୍କ ସହ କଥା ହୋଇଛନ୍ତି। ମୋଦୀ ମଧ୍ୟ ଇମ୍ଫାଲରେ ମୈତେୟୀ ଗୋଷ୍ଠୀଙ୍କୁ ଭେଟିଛନ୍ତି, ଯେଉଁମାନେ ବିସ୍ଥାପିତ ହୋଇ ଏବେ ଶିବିରରେ ରହୁଛନ୍ତି।

## କାନ୍ଦି ପକାଇଲେ ସ୍ଥାନୀୟ ବାସିନ୍ଦା

ଇମ୍ଫାଲରେ କିଛି ସ୍ଥାନୀୟ ଲୋକ ଏବଂ ଛାତ୍ରଛାତ୍ରୀ ଆଜି ମୋଦୀଙ୍କ ସହ କଥା ହେବା ସମୟରେ କାନ୍ଦି ପକାଇଥିଲେ। ଗତ ୨ ବର୍ଷ ହେବ ସେମାନେ କିଭଳି କଷ୍ଟଦାୟକ ଜୀବନ ଅତିବାହିତ କରିଛନ୍ତି ସେ ବିଷୟରେ କହିବା ସମୟରେ ସେମାନେ କାନ୍ଦି ପକାଇଥିଲେ।

ଉଲ୍ଲେଖଯୋଗ୍ୟ, ଚୁରାଚାନ୍ଦପୁରରେ ଅଧିକାଂଶ କୁକି-ଜୋ ଗୋଷ୍ଠୀର ସଦସ୍ୟ ରହନ୍ତି। ଏଠାରେ ମୈତେୟୀମାନଙ୍କ ଅନୁସୂଚିତ ଜନଜାତି ମାନ୍ୟତା ଦାବି ବିରୁଦ୍ଧରେ ଏକ ଆଦିବାସୀ ଗୋଷ୍ଠୀର ରାଲି ସମୟରେ ପ୍ରଥମେ ହିଂସା ଆରମ୍ଭ ହୋଇଥିଲା। କୁକି-ଜୋ ଗୋଷ୍ଠୀଗୁଡ଼ିକ ଦାବି କରିଛନ୍ତି ଯେ ଯେଉଁ ପାହାଡିଆ ଜିଲ୍ଲାଗୁଡ଼ିକରେ ସେମାନେ ବହୁଳ, ସେମାନଙ୍କୁ ଏକ ପୃଥକ କେନ୍ଦ୍ରଶାସିତ ଅଞ୍ଚଳ କରାଯାଉ। ଅନ୍ୟପକ୍ଷେ ଇମ୍ଫାଲ ଉପତ୍ୟକା ମୈତେୟୀ ବହୁଳ ଅଂଚଳ।


er.in 8260224080

ସମ୍ବାଦ

# ହମାସ୍ ମୁକ୍ତ ପାଲେଷ୍ଟାଇନ୍‌କୁ ଭାରତର ଦୃଢ଼ ସମର୍ଥନ

## ପାରମ୍ପରିକ ନୀତିର ପ୍ରତିଫଳନ

## ଦ୍ୱିରାଷ୍ଟ୍ର ସମାଧାନ ପାଇଁ ବାଟ ଖୋଲିବ




ନୂଆଦିଲ୍ଲୀ, ୧୩/୯: ଭାରତ ମିଳିତ ଜାତିସଂଘ ସାଧାରଣ ଅଧିବେଶନ(ୟୁଏନ୍‌ଜିଏ)ରେ ପାଲେଷ୍ଟାଇନ୍ ପ୍ରସଙ୍ଗରେ ଏକ ପ୍ରସ୍ତାବକୁ ଶୁକ୍ରବାର ସମର୍ଥନ କରିଛି, ଯାହା ଦ୍ୱିରାଷ୍ଟ୍ର ସମାଧାନକୁ ସମର୍ଥନ କରିବା ସହ ଗାଜାରେ ଶାନ୍ତି ପାଇଁ ଆହ୍ୱାନ କରୁଛି। ଫ୍ରାନ୍ସ ଦ୍ୱାରା ଉପସ୍ଥାପିତ ଏହି ପ୍ରସ୍ତାବ ଇସ୍ରାଏଲ୍-ପାଲେଷ୍ଟାଇନ୍ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଉଦ୍ଦିଷ୍ଟ। ଏହି ପ୍ରସ୍ତାବ ଭାରତ ସମେତ ୧୪୩ଟି ଦେଶର ସମର୍ଥନ ପାଇଥିବା ବେଳେ ଇସ୍ରାଏଲ୍, ଆମେରିକା ପରି ୧୦ଟି ଦେଶ ଏହାକୁ ବିରୋଧ କରିଥିଲେ ଏବଂ ୧୨ଟି ଦେଶ ଭୋଟ୍ ଦେଇନଥିଲେ। ପ୍ରସ୍ତାବକୁ ଭାରତର ଦୃଢ଼ ସମର୍ଥନ ଏହାର ପାରମ୍ପରିକ ନୀତିର ପ୍ରତିଫଳନ କରୁଛି, ଯାହା ପାଲେଷ୍ଟାଇନ୍ ପ୍ରତି ସମର୍ଥନକୁ ପ୍ରାଥମିକତା ଦେଉଛି।

ଭାରତର ପାଲେଷ୍ଟାଇନ୍ ନୀତି ଐତିହାସିକ ଭାବେ ଦୃଢ଼ ରହିଆସିଛି। ସ୍ୱାଧୀନତା ପରେ ଭାରତ ପାଲେଷ୍ଟାଇନ୍ ଆନ୍ଦୋଳନକୁ ସମର୍ଥନ କରିଥିଲା ଏବଂ ଦ୍ୱିରାଷ୍ଟ୍ର ସମାଧାନ ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲା। କିନ୍ତୁ ସମ୍ପ୍ରତି ବିଭିନ୍ନ ଅନିବାର୍ଯ୍ୟ କାରଣରୁ ଭାରତର ନୀତିରେ ପରିବର୍ତ୍ତନ ଦେଖାଦେଇଛି। ଇସ୍ରାଏଲ୍ ସହିତ ପ୍ରତିରକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦୃଢ଼ ସମ୍ପର୍କ ହେତୁ ଭାରତ କେତେକ ମାମଲାରେ ନିରପେକ୍ଷ ରହିଥିଲା। ଜୁନ୍ ୨୦୨୫ରେ ଗାଜାରେ ଯୁଦ୍ଧବିରତି ପ୍ରସ୍ତାବରେ ଭାରତ ଭୋଟ୍ ଦେଇନଥିଲା, ଯାହାକୁ ବିରୋଧୀ ଦଳମାନେ କଡ଼ା ସମାଲୋଚନା କରିଥିଲେ। କଂଗ୍ରେସ ନେତାମାନେ ଏହାକୁ 'ନୈତିକ ପରାଜୟ' ବୋଲି କହିଥିଲେ। କିନ୍ତୁ ଗତକାଲିର ଭୋଟ୍ ଭାରତର ପାରମ୍ପରିକ ସ୍ଥିତିକୁ ପୁନର୍ଜୀବିତ କରିଛି। ଏହା ଗାଜାର ମାନବୀୟ ସଙ୍କଟକୁ ଦୃଷ୍ଟିରେ ରଖି ନିଆଯାଇଥିବା ପଦକ୍ଷେପ ବୋଲି ବିଶ୍ଳେଷକମାନେ କହୁଛନ୍ତି।

ପାଲେଷ୍ଟାଇନ ଓ ଇସ୍ରାଏଲକୁ ନେଇ ଭାରତର ବିଦେଶ ନୀତିରେ ଏବେ ସନ୍ତୁଳନର ଯଥେଷ୍ଟ ପ୍ରୟାସ ଦେଖାଯାଉଛି। ଗୋଟିଏ ପଟେ ଇସ୍ରାଏଲ୍ ସହିତ ରଣନୀତିକ ସହଯୋଗ ରହିଛି, ଯାହା ଭାରତର ସୁରକ୍ଷା ପାଇଁ ଆବଶ୍ୟକ ଏବଂ ଅନ୍ୟପଟେ ଆରବ ବିଶ୍ୱ ଓ ବିକାଶଶୀଳ ଦେଶମାନଙ୍କ ସହିତ ସମ୍ପର୍କ ବଜାୟ ରଖିବା ପାଇଁ ପାଲେଷ୍ଟାଇନ୍‌କୁ ସମର୍ଥନର ଯଥାର୍ଥତା। ଭାରତର ମୁସଲିମ୍ ଜନସଂଖ୍ୟା ଏବଂ ଆଭ୍ୟନ୍ତରୀଣ ରାଜନୀତି ମଧ୍ୟ ଏହାକୁ ପ୍ରଭାବିତ କରୁଛି। ଗତକାଲିର ଭୋଟ୍ ଭାରତକୁ ବିଶ୍ୱ ମଞ୍ଚରେ ପାଲେଷ୍ଟାଇନ୍ ପ୍ରସଙ୍ଗରେ ଦୃଢ଼ ଭାବେ ପୁନଃସ୍ଥାପିତ କରିଛି। ଭାରତ କ୍ୱାଡ୍ ଏବଂ ବ୍ରିକ୍ସ ପରି ମଞ୍ଚରେ ମଧ୍ୟ ସ୍ୱାଧୀନ ପାଲେଷ୍ଟାଇନ ରାଷ୍ଟ୍ର ପ୍ରସଙ୍ଗ ଉଠାଇପାରେ। ଯୁଦ୍ଧବିରତି ପରେ ପୁନର୍ନିର୍ମାଣରେ ମଧ୍ୟ ଭାରତର ଭୂମିକା ରହିପାରେ। ହମାସ୍ ପରି ଆତଙ୍କୀ ସଂଗଠନମାନଙ୍କୁ ବାଦ୍ ଦେଇ ଏକ ସାର୍ବଭୌମ ପାଲେଷ୍ଟାଇନ୍ ରାଷ୍ଟ୍ର ପାଇଁ ଭାରତର ସମର୍ଥନ ଏ କ୍ଷେତ୍ରରେ ନିର୍ଣ୍ଣାୟକ ହେବ ବୋଲି ଅନେକ ବରିଷ୍ଠ କୂଟନୀତିଜ୍ଞ ମତ ରଖିଛନ୍ତି।

Odis



4080

# ଦୁର୍ଦ୍ଧର୍ଷ ମାଓ ନେତ୍ରୀ ସୁଜାତାଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୩/୯ (ଇମିସ): ସୁରକ୍ଷାବାହିନୀର ଲଗାତାର ଏନ୍‌କାଉଣ୍ଟର ନକ୍ସଲ ସଂଗଠନକୁ ଦୋହଲାଇ ଦେଇଛି। ଘନଘନ ଆକ୍ରମଣରେ ଭୟଭୀତ ହୋଇ ପଡ଼ିଛନ୍ତି ବହୁ କ୍ୟାଡର୍। ଆତ୍ମସମର୍ପଣ ଛଡ଼ା ଅନ୍ୟ କିଛି ବିକଳ୍ପ ନଥିବାରୁ ସମାଜର ମୁଖ୍ୟସ୍ରୋତକୁ ଜଣେ ପରେ ଜଣେ ଫେରୁଛନ୍ତି। ଶନିବାର ମାଓ ସଙ୍ଗଠନର ଅନ୍ୟତମ ଦୁର୍ଦ୍ଧର୍ଷ ନେତ୍ରୀ, କେନ୍ଦ୍ରୀୟ କମିଟିର ସଦସ୍ୟ ସୁଜାତା ଓରଫ୍ କଳ୍ପନା ଓରଫ୍ ପଦ୍ମାବତୀ ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛି।

କେନ୍ଦ୍ରୀୟ କମିଟି ସଦସ୍ୟ ସୁଜାତା ବାମପନ୍ଥୀ ଉଗ୍ରବାଦୀ ସଙ୍ଗଠନର ଦକ୍ଷିଣ ସବ୍ ଜୋନାଲ୍ ବ୍ୟୁରୋ ସଚିବ, ଜନତା ସରକାର ଇନ୍‌ଚାର୍ଜ ଓ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ୍ କମିଟିର ମୁଖ୍ୟ ଦାୟିତ୍ୱରେ ଥିଲେ। ୬୨ ବର୍ଷୀୟ ସୁଜାତା ଲଗାତାର ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡ଼ିତ ରହୁଥିଲେ। ସଂଗଠନ ଦିନକୁ ଦିନ ଦୁର୍ବଳ ହେଉଥିବାରୁ ସରକାରଙ୍କୁ ସହଯୋଗ କରିବା ପାଇଁ ସୁଜାତା ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପୁଲିସ କହିଛି। ସୁଜାତାଙ୍କ ନାମରେ ୧ କୋଟି ଟଙ୍କାର ପୁରସ୍କାର ରାଶି ଥିଲା। ଯୁକ୍ତ ଦୁଇ ଶିକ୍ଷା ପରେ ସୁଜାତା କମ୍ୟୁନିଷ୍ଟ ଚିନ୍ତାଧାରା ପ୍ରତି ଆକୃଷ୍ଟ ହୋଇଥିଲେ। ଭାଇ ସୁଧାକର ରେଡ୍ଡୀ କେନ୍ଦ୍ରୀୟ କମିଟିର ସଦସ୍ୟ ଥିବାରୁ ମାଓ ସଂଗଠନ ସହ ଜଡ଼ିତ ହେବାକୁ ପରାମର୍ଶ ଦେଇଥିଲେ। ନକ୍ସଲ ନେତା ସୁଦର୍ଶନ ରେଡ୍ଡୀଙ୍କ ସଂସ୍ପର୍ଶରେ ଆସିବା ପରେ ସୁଜାତା ୧୯୮୨ ମସିହାରେ ମାଓ ସଂଗଠନରେ ଗାଁ ସାଥୀ ଭାବେ କାମ ଆରମ୍ଭ କରିଥିଲେ ଏବଂ ଧୀରେ ଧୀରେ ପଦୋନ୍ନତି ପାଇ କେନ୍ଦ୍ରୀୟ କମିଟି ସଦସ୍ୟ ହୋଇଥିଲେ। ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଂଗଠନ ସହ ଜଡ଼ିତ ଥିଲେ



ସୁଜାତା। ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ତଥା ପଶ୍ଚିମବଙ୍ଗ ରାଜ୍ୟ କମିଟି ସଚିବ କିଷନଜୀ ଓରଫ୍ କୋଟେଶ୍ୱର ରାଓଙ୍କୁ ସେ ବିବାହ କରିଥିଲେ। ସ୍ୱାମୀ କିଷନଜୀ ସହ ବହୁ ସ୍ଥାନକୁ ଯାଇ ସୁଜାତା ମାଓ ଅପରେସନ୍‌ରେ ଭାଗ ନେଇଛନ୍ତି। ୨୦୦୭ରୁ ୨୦୨୨ ପର୍ଯ୍ୟନ୍ତ ପୁଲିସ ସହ ଗୁଳି ବିନିମୟରେ ସାମିଲ ହୋଇ ଶତାଧିକ ଯବାନଙ୍କୁ ହତ୍ୟା କରିଥିବା ସୁଜାତା ସ୍ୱୀକାର କରିଛି। ସୁଜାତାଙ୍କର ୩ ଭାଇ ଓ ଗୋଟିଏ ଭଉଣୀ ଥିବାବେଳେ ବାପା ଜଣେ ଚାଷୀ। ସୁଜାତାଙ୍କର ଗୋଟିଏ ଝିଅ ଅଛି। ୨୦୦୯ରେ ସୁରକ୍ଷାବାହିନୀର ଏନ୍‌କାଉଣ୍ଟରରେ ଭାଇ ସୁଧାକର ଏବଂ ୨୦୧୧ ନଭେମ୍ବର ୨୪ରେ ପଶ୍ଚିମବଙ୍ଗ-ଝାଡ଼ଖଣ୍ଡ ସୀମାରେ ପୁଲିସ ଏନ୍‌କାଉଣ୍ଟରରେ ସ୍ୱାମୀ କିଷନଜୀଙ୍କର ମୃତ୍ୟୁ ହୋଇଥିଲା।

## ନକ୍ସଲ ସଂଗଠନ ସହ ୪୦ ବର୍ଷର ସମ୍ପର୍କ ଛିନ୍ନ

## ମୁଣ୍ଡରେ ଥିଲା ୧ କୋଟି ଟଙ୍କାର ପୁରସ୍କାର

ସୁଜାତା ଆତ୍ମସମର୍ପଣ କରିବା ପରେ ପୁଲିସ ପ୍ରଶାସନ ପକ୍ଷରୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଆଗକୁ ଜୀବିକା ପାଇଁ ସମସ୍ତ ସହଯୋଗ କରାଯିବ ବୋଲି ପୁଲିସ କହିଛି। ତେଲେଙ୍ଗାନାରେ ଏଯାବତ୍ ୪୦୪ କ୍ୟାଡର୍ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେଥିମଧ୍ୟରେ ୪ କେନ୍ଦ୍ରୀୟ କମିଟି ସଦସ୍ୟ ଅଛନ୍ତି। ତେଲେଙ୍ଗାନା ଡିଜିପି ଅନ୍ୟ ନକ୍ସଲଙ୍କୁ ମଧ୍ୟ ଘରକୁ ଓ ଗାଁକୁ ଫେରି ଆସିବାକୁ ଅନୁରୋଧ କରିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓ ସଂଗଠନକୁ ମୂଳପୋଛ କରିବା ଲାଗି ପୁଲିସ ଲକ୍ଷ୍ୟ ରଖିଛି।



vw.ocscorner.in 8260224080

ସମ୍ବାଦ

## କେନ୍ଦୁଝରରେ ଗଡ଼ିଲା ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥ


# ଦୁର୍ଘଟଣାଶୂନ୍ୟ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ବାନ

କେନ୍ଦୁଝର, ୧୩/୯ (ଇମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରଠାରେ 'ଜିରୋ ଆକ୍ସିଡେଣ୍ଟ୍ ଡେ' ବା ଶୂନ ଦୁର୍ଘଟଣା ଦିବସ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଓଡ଼ିଶାକୁ ଏକ ଦୁର୍ଘଟଣାଶୂନ୍ୟ ରାଜ୍ୟ ଭାବେ ଗଢ଼ିବା ପାଇଁ ସେ ଆହ୍ବାନ ଦେଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ଦ୍ବାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିରୋ ଆକ୍ସିଡେଣ୍ଟ୍ ସେଲ୍‌ଫି ପଏଣ୍ଟ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ଜିଲ୍ଲାର ସମସ୍ତ ୧୩ଟି ବ୍ଲକ୍‌ରେ ସଡ଼କ ସୁରକ୍ଷା ସଚେତନତା ତଥା

### ସୁରକ୍ଷା କେବଳ ସରକାରଙ୍କର ନୁହେଁ, ଆମର ସାମୂହିକ ଦାୟିତ୍ବ

ଶୂନ ଦୁର୍ଘଟଣା ବାର୍ତ୍ତା ପ୍ରଚାର ରଥର ଶୁଭାରମ୍ଭ କରିଥିଲେ। ଏଥିସହ ଦସ୍ତଖତ ଅଭିଯାନକୁ ଆରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁରକ୍ଷା କେବଳ ସରକାରଙ୍କର ଦାୟିତ୍ବ ନୁହେଁ, ଏହା ପ୍ରତ୍ୟେକ ବ୍ୟକ୍ତିଙ୍କର ସାମୂହିକ ଦାୟିତ୍ବ। ଭୁବନେଶ୍ବରରେ ଶୂନ ଦୁର୍ଘଟଣା ଦିବସର ବିଶେଷ ସଫଳତା ପରେ କେନ୍ଦୁଝର ଏହି ଅଭିଯାନକୁ ଆଗକୁ ନେବାରେ ଓଡ଼ିଶାର ପ୍ରଥମ ଜିଲ୍ଲା। ଆମର ଲକ୍ଷ୍ୟ ହେବ, ଶୂନ ଦୁର୍ଘଟଣା ଦିବସ ସଚେତନତା ବାର୍ତ୍ତାକୁ ପ୍ରତି ସହର, ଗାଁ ଓ ଘରେ ଘରେ ପହଞ୍ଚାଇବା। ନିଜେ ସଚେତନ ହେବା ଏବଂ ଅନ୍ୟମାନଙ୍କୁ ସଚେତନ କରାଇବା। ସମସ୍ତ କ୍ଷେତ୍ରରେ ସତର୍କତା ହିଁ ଆମକୁ ଦୁର୍ଘଟଣାରୁ ବଞ୍ଚାଇ ପାରିବ। କେନ୍ଦୁଝର ଜିଲ୍ଲା ଏକ ଖଣିବହୁଳ ଅଞ୍ଚଳ। ଦିନରାତି




ଏଠାରେ ଭାରୀଯାନରେ ଖଣିଜପଦାର୍ଥ ପରିବହନ ହେଉଛି। ଏହା ଅଞ୍ଚଳର ଅର୍ଥନୀତିକୁ ସଚଳ କରୁଛି, କିନ୍ତୁ ସଡ଼କ ସୁରକ୍ଷା ପାଇଁ ଏକ ବିଶେଷ ଆହ୍ବାନ ମଧ୍ୟ ହୋଇଯାଉଛି। ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କୁ ଯାତାୟାତ ସମୟରେ ସଡ଼କ ସୁରକ୍ଷା ନିୟମାବଳୀ ମାନିବା ସହିତ ସତର୍କତା ଅବଲମ୍ବନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ବାନ ଦେଇଥିଲେ। ଖଣି ଓ ଶିଳ୍ପକ୍ଷେତ୍ର ସହିତ ସଂଲଗ୍ନ ସମସ୍ତ କମ୍ପାନି, ଡ୍ରାଇଭର୍, କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଅନ୍ତୁ। ଭାରୀ ଯାନବାହନର ନିୟମିତ ରକ୍ଷଣାବେକ୍ଷଣ, ଡ୍ରାଇଭରଙ୍କ ପ୍ରଶିକ୍ଷଣକୁ ଗୁରୁତ୍ବ ଦିଆଯାଉ। ଏସବୁକୁ କଡ଼ାକଡ଼ି ପାଳନ କଲେ ଅନେକ ଦୁର୍ଘଟଣାକୁ ଏଡ଼ାଯାଇ ପାରିବ ବୋଲି ସେ କହିଥିଲେ।

ଆଇଆଇଟି ମାଡ୍ରାସ ସହାୟତାରେ କେନ୍ଦୁଝରରେ ଶୂନ ଦୁର୍ଘଟଣା ନିମନ୍ତେ ୧୪ଦିନିଆ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଦୁର୍ଘଟଣାକୁ କିପରି ପ୍ରତିହତ କରିହେବ, ସେଥିପାଇଁ ଆଇଆଇଟି ମାଡ୍ରାସ ପକ୍ଷରୁ ମାର୍ଗଦର୍ଶନ କରାଯିବ। ଏହି ଅବସରରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ, ପରିବହନ କମିସନର ଅମିତାଭ ଠାକୁର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ଉପସ୍ଥିତ ଥିଲେ।



8260224080